## ସଂକ୍ଷେପରେ

### ସରୋଜିନୀ ସୁବୁଦ୍ଧି ମେମୋରିଆଲ କ୍ରିକେଟ
### ଗୁଣପୁରକୁ ହରାଇଲା ଉତ୍ତରପ୍ରଦେଶ

ରମ୍ଭା, ୨୭।୧୨ (ବନବାସୀ ସେଠୀ)

ରମ୍ଭା ହାଇସ୍କୁଲସ୍ଥିତ ମିନି ଷ୍ଟାଡିୟମ ଠାରେ ଚାଲିଥିବା ସରୋଜିନୀ ସୁବୁଦ୍ଧି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିନରେ ରାମେଶ୍ୱର କ୍ରିକେଟ କ୍ଲବ, ଗୁଣପୁର ସହ ଏନଏନଏସ, ଉତ୍ତରପ୍ରଦେଶ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଏନଏନଏସ ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୯୩ ରନ କରିଥିଲା। ଏହି ରନ୍‌ର ପିଛା କରି ରାମେଶ୍ୱର କ୍ରିକେଟ କ୍ଲବ ୧୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ କରି ପରାସ୍ତ ହୋଇଛି। ଏଥିରେ ରମ୍ଭା କ୍ରିକେଟ କପ ସମିତିର ଅଧ୍ୟକ୍ଷ ଟି. ବାପୁଜୀ ସୁବୁଦ୍ଧି, ସଭାପତି ସୀମାଞ୍ଚଳ ବାଡତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ କ୍ଷେତ୍ର ମୋହନ ବେହେରା, ତପନ ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସୌରଭ ଶୁକ୍ଲାଙ୍କୁ କପ ପ୍ରଦାନ କରିଥିଲେ। ଭାଷ୍ୟକାର ସଚିନ ଗୌଡ଼ ଓ ମହେଶ ମୁଦ୍ରା ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ ପାନେଲର ଅମ୍ପାୟାର ଦେବବ୍ରତ ଦାସ ଓ ସାର୍ଥକ ରଞ୍ଜନ ବିଶ୍ୱାଳ, ସ୍କୋରର ଭାବେ ସତ୍ୟନାରାୟଣ ପରିଡା ଯୋଗ ଦେଇଥିଲେ। ରମ୍ଭା କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

### ପୋଲାଭରମ ପ୍ରକଳ୍ପକୁ ବିରୋଧ
### ମାଲକାନଗିରି ଓକିଲ ସଂଘ ସଭାପତିଙ୍କ ସାଇକେଲ ଯାତ୍ରା

ବ୍ରହ୍ମପୁର, ୨୭।୧୨ (ସୁବାସ ଚନ୍ଦ୍ର ପାଢ଼ୀ):

ଆନ୍ଧ୍ରର ପ୍ରସ୍ତାବିତ ପୋଲାଭରମ୍ ପ୍ରକଳ୍ପକୁ ବିରୋଧ କରି ମାଲକାନଗିରି ଓକିଲ ସଂଘ ସଭାପତି ଲମ୍ବୋଦର ତୁରୁକ୍ ସାଇକେଲ ଯାତ୍ରା କରୁଛନ୍ତି। ବୁଧବାର ସେ ବ୍ରହ୍ମପୁରରେ ପହଞ୍ଚିଛନ୍ତି। ଲମ୍ବୋଦର ସାଇକେଲରେ ପୁରୀ ପର୍ଯ୍ୟନ୍ତ ଯିବେ। ଏଭଳି ଅଭିନବ ପ୍ରୟାସ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଦାବରୀ ନଦୀର ଦୁଇ ଉପନଦୀ ସାବେରୀ ଓ ସାଲୁର୍ ନଦୀର ସଙ୍ଗମ ସ୍ଥଳରୁ ଜଳ ସଂଗ୍ରହ କରି ଆଣିଛନ୍ତି। ଏହାକୁ ପୁରୀ ମହୋଦଧିରେ ପକାଇବା ସହ ଗୋଦାବରୀ ନଦୀ ଉପରେ ହେବାକୁ ଥିବା ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେବାକୁ ଥିବା ମାଲକାନଗିରିର ୧୧୩ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବେ ବୋଲି ପ୍ରକାଶ କରିଛନ୍ତି। ଗତ ୨୦ ତାରିଖରୁ ଲମ୍ବୋଦର ଯାତ୍ରା ଆରମ୍ଭ କରିଥିବା ବେଳେ ୫୪୫କିମି ଅତିକ୍ରମ କରି ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଂଜାମ ଓକିଲ ସଂଘ ସଭାପତି ମୀନତି ରଥଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଲମ୍ବୋଦରଙ୍କ ମନୋବଳ ବଢାଇବା ସହ ତାଙ୍କର ଏଭଳି ପ୍ରୟାସର ପ୍ରଶଂସା କରିଥିଲେ।

# ଫୁଲବାଣୀକୁ ରେଳପଥ ସଂଯୋଗ ଦାବିରେ ଧାରଣା

ଫୁଲବାଣୀ, ୨୭।୧୨ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀ ସହରକୁ ରେଳ ସଂଯୋଗ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି। ଦୀର୍ଘ ୪୫ ବର୍ଷର ଏହି ଦାବି ପ୍ରତି ସରକାର ଆଖିବୁଜି ଦେଉଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଗୋପାଳପୁର-ସମ୍ବଲପୁର ରେଳପଥ ଫୁଲବାଣୀ ସଦର ମହକୁମା ଦେଇ ଯିବାପାଇଁ ପୂର୍ବରୁ ପ୍ରସ୍ତାବ ଥିଲା। କିନ୍ତୁ ହଠାତ ଏଥିରେ ପରିବର୍ତ୍ତନ କରି ଫୁଲବାଣୀ ସହରକୁ ବାଦ ଦେଇ ଚକାପାଦ ଠାରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ସଂଯୋଗ କରିବାକୁ ଡିପିଆର୍ ପ୍ରସ୍ତୁତ ହୋଇଥିବା ଜଣାପଡିଛି। କନ୍ଧମାଳ ଜିଲା ରାଜ୍ୟ ମାନଚିତ୍ରରେ ମଧ୍ୟସ୍ଥଳରେ ଥିବା ବେଳେ ଦେଶ ସ୍ୱାଧୀନ ହେବାର ୭୬ବର୍ଷ ପରେ ମଧ ଜିଲାବାସୀ ରେଳ ସଂଯୋଗରୁ ବଞ୍ଚିତ। ତେଣୁ ଫୁଲବାଣୀ ସହରକୁ ବାଦ ଦେଇ ନାମକୁ ମାତ୍ର ଚକାପାଦ ବ୍ଲକରେ ଗୋଟିଏ ରେଳ ଷ୍ଟେଶନ କରି କନ୍ଧମାଳବାସୀଙ୍କୁ ସରକାର ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଅନ୍ୟ ଜିଲାରେ କନ୍ଧମାଳଠାରୁ ଅଧିକ ଘାଟି ପାହାଡ ଥାଇ ମଧ୍ୟ ରେଳପଥ ନିର୍ମାଣ କରାଯାଇଥିଲା ବେଳେ ଘାଟି ପାହାଡ ଆଳ ଦେଖାଇ ଫୁଲବାଣୀ ସହରକୁ ରେଳପଥ ସଂଯୋଗ ନ କରିବା ଏକ ଷଡଯନ୍ତ୍ର ବୋଲି କୁହାଯାଇଛି। ଏତଦ ବ୍ୟତୀତ ଲାଞ୍ଜିଗଡ-ତାଳଚେର ଭାୟା ବାଲିଗୁଡା, ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ରେଳ ବିଭାଗ ଅନୁମୋଦନ କରି କାର୍ଯ୍ୟ ଆରମ୍ଭ କରିବାକୁ ଅଗ୍ରାଧିକାର ଦେବା ପାଇଁ ମଧ ଦାବି କରାଯାଇଛି। ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟିର ସଭାପତି କମଳାକାନ୍ତ ପାଣ୍ଡେ, ଅରୁପ ଜେନା, ସୁନୀଲ ପଟ୍ଟନାୟକ, ଆବାହକ ଅଶୋକ ପରିଡା, ପ୍ରଣବ ମଣ୍ଡଳ, ନବୀନ କିଶୋର ପଣ୍ଡା, ବ୍ରଜ ପଟ୍ଟନାୟକ, ବିକାଶ ମହାନ୍ତି, ନାରାୟଣ ସାହୁ, ଅବନୀ କହଁର, ପଞ୍ଚାନନ କହଁର, ଜୟସେନ ପରିଡା, ସନ୍ନ୍ୟାସୀ ବେହେରା, ହୁସେନ ଖାଁଙ୍କ ସମେତ ଶତାଧିକ ବ୍ୟକ୍ତି ଧାରଣାରେ ସାମିଲ ଥିଲେ।




# ବିଏମ୍‌ସିର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ
## ଫୁଟବଲରେ ନଟରାଜ, କବାଡ଼ିରେ ବ୍ରହ୍ମପୁର ଟାଇଗର୍ସ ଚାମ୍ପିୟନ

ବ୍ରହ୍ମପୁର, ୨୭।୧୨ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ 'ନୂଆ -ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ ଓ କମିଶନର ଜେ. ସୋନାଲ ଯୋଗ ଦେଇଥିଲେ। ବିଏମସି କମିଶନର ଏଥିରେ ସଭାପତିତ୍ୱ କରି ଯୁବପିଢ଼ିଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ସେହିପରି ମେୟର, ଏମପି ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଏମସି ପକ୍ଷରୁ ଗତ ୧୮ ତାରିଖରୁ ହୋଇଥିବା ଫୁଟବଲ, କବାଡି, ଖୋଖୋ, ଭଲିବଲ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଫୁଟବଲରେ ନଟରାଜ ଫୁଟବଲ କ୍ଲବ ଚାମ୍ପିୟନ, କାଶୀରାମ କ୍ଲବ ଓ ବ୍ରହ୍ମପୁର-୧୧ ପୁରୁଷ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲେ। ସେହିପରି କବାଡି ବାଳକରେ ବ୍ରହ୍ମପୁର ଟାଇଗର୍ସ ଚାମ୍ପିୟନ, ଲାଞ୍ଜିପଲୀ କବାଡି ଟିମ ଓ ବ୍ରହ୍ମପୁର ଥଣ୍ଡର ବୋଲଟସ ରନର୍ସ ଅପ, ବାଳିକାରେ ବ୍ରହ୍ମପୁର ଟାଇଗର୍ସ ଚାମ୍ପିୟନ, ବ୍ରହ୍ମପୁର ଆଇଟିଆଇ ଫାଇଟର୍ସ ଓ ଏମଏମ କୁଇନସ ରନର୍ସ ଅପ, ଖୋଖୋ ବାଳିକା ବିଭାଗରେ କେଭି ବ୍ରହ୍ମପୁର ବାଳିକା ଚାମ୍ପିୟନ, ବ୍ରହ୍ମପୁର ଆଇଟିଆଇ ଫାଇଟର୍ସ ଓ ମହିଳା ଖୋଖୋ ଟିମ ରନର୍ସ ଅପ ହୋଇଛନ୍ତି। ଖୋଖୋ ବାଳକ ବିଭାଗରେ ବ୍ରହ୍ମପୁର ୱାରିୟରସ ଚାମ୍ପିୟନ, ବ୍ରହ୍ମପୁର ଆଇଟିଆଇ ଫାଇଟରସ ଓ କେସିଏସଏଚ ବ୍ରହ୍ମପୁର ରନର୍ସ ଅପ ହୋଇଛି। ଭଲିବଲ ବାଳକରେ ଏମଏଲଏ-୬ ଚାମ୍ପିୟନ, ହରିଡାଖଣ୍ଡି ନର୍ମଦେଶ୍ୱର ଭଲି କ୍ଲବ ଓ ମର୍ଣ୍ଣିଂ କ୍ଲବ ରନର୍ସ ଅପ ଭାବେ ପୁରସ୍କୃତ ହୋଇଛି। କୃତି ପ୍ରତିଯୋଗୀମାନେ ଆସନ୍ତା ଜାନୁୟାରୀ ୧୫ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ବିଏମସି ଅତିରିକ୍ତ କମିଶନର ରମେଶ ହାଂସଦା, ଡେପୁଟି କମିଶନର ବିନୋଦ କୁମାର ବେହେରା, ଜିଲା କ୍ରୀଡା ସଂସଦର ସାଧାରଣ ସଂପାଦକ ଅଶୋକ କୁମାର ସାହୁଙ୍କ ସମେତ ବହୁ କର୍ପୋରେଟର ଏବଂ ବିଏମସିର ବହୁ ଅଧିକାରୀ ଉପସ୍ଥିତ ଥିଲେ।


ଚାମ୍ପିୟନ ହୋଇଥିବା ନଟରାଜ ଫୁଟବଲ ଟିମ।

# ଜିଲା ଶିକ୍ଷା ସମୀକ୍ଷା ବୈଠକ

ଛତ୍ରପୁର, ୨୭।୧୨ (ଦିଲୀପ ସାମଲ):

ଛତ୍ରପୁରସ୍ଥିତ ଡିପିସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ପିଲାମାନଙ୍କୁ ଭଲ ଶିକ୍ଷାଦାନ ପ୍ରଦାନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରେ ଜିଲାପାଳ ଆଲୋଚନା କରିଥିଲେ। ଆଗାମୀ ଦିନରେ ୟୁପି ସ୍କୁଲମାନଙ୍କରେ ପ୍ରୋଜେକ୍ଟର ପ୍ରଦାନ କରାଯିବ। ମୋ ସ୍କୁଲ ଅଭିଯାନ ପାଣ୍ଠିରୁ ଏହା ପ୍ରଦାନ କରାଯିବ। ଯେଉଁ ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ଅଧିକ ଥିବ ଉକ୍ତ ସ୍କୁଲକୁ ଚିହ୍ନଟ କରିବାକୁ ବୈଠକରେ ଉପସ୍ଥିତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଜିଲାପାଳ କହିଥିଲେ। ଜିଲାରେ ୧୦୦୩ ବିଦ୍ୟାଳୟରେ ସୋସିଆଲ ଅଡିଟ ହେବ। ତଳେ ବସିବା ନା, ଯେଉଁ ସ୍କୁଲ ଗୁଡିକ ୫-ଟି ରୁପାନ୍ତୀକରଣ ହୋଇଯାଇଛି ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଚୌକିଗୁଡିକ ନିକଟରେ ଥିବା ଅନ୍ୟ ସ୍କୁଲକୁ ପ୍ରଦାନ କରାଯିବ। ଜିଲାରେ ୫୧ ହଜାର ଛାତ୍ରୀଛାତ୍ରୀ ଡ୍ରପ ବକ୍ସ ସଂଖ୍ୟା ରହିଛି। ତାହାର ଏକ ଅନୁସନ୍ଧାନ କରି ତ୍ରୁଟି ସଂଶୋଧନ କରିବାକୁ କୁହାଯାଇଛି। ବିଶେଷ କରି ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଅଧିକ ଡ୍ରପ ବକ୍ସ ସଂଖ୍ୟା ରହିଛି। ସମଗ୍ର ଶିକ୍ଷା ପକ୍ଷରୁ ଯେଉଁ ସ୍କୁଲଗୁଡିକ ଫଣ୍ଡ ଆସିଛି ତାହା ନିୟମ ଅନୁସାରେ ଖର୍ଚ୍ଚ କରିବାକୁ କୁହାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ପ୍ଲାନିଂ କୋଡିନେଟର ସାବିତ୍ରୀବାଳା ଦାଶଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



### ସାଇକେଲ ଅଭିଯାତ୍ରୀଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା

ଦିଗପହଣ୍ଡି, ୨୭।୧୨ (ଅଶେଷ ନାଥ ମିଶ୍ର):

ଆନ୍ଧ୍ରର ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ମାଲକାନଗିରରୁ ପୁରୀ ଅଭିମୁଖେ ସାଇକେଲରେ ବାହାରିଥିବା ମାଲକାନଗିରି ଓକିଲ ସଂଘର ସଭାପତି ଲମ୍ବୋଦର ତୁରୁକ ବୁଧବାର ଦିଗପହଣ୍ଡିରେ ପହଞ୍ଚିଥିଲେ। ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମାଲକାନଗିରିରୁ ପହଞ୍ଚିଥିବା ଆଇନଜୀବୀ ପ୍ରକଳ୍ପ ଦ୍ୱାରା ଓଡ଼ିଶାର କ୍ଷତି ସମ୍ପର୍କରେ ସଚେତନ କରାଇଥିଲେ। ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସମ୍ପାଦକ କୁରେଶୁ ପଣ୍ଡା, ପ୍ରଭାକର ରାଉତ, ରତ୍ନାକର ମେକାପ, ହରପ୍ରସାଦ ରଥ, ଅଶେଷ ନାଥ ମିଶ୍ର, ପ୍ରଦୀପ ନାୟକ, ଗିରିଜା ନନ୍ଦନ ମେକାପ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଧରାକୋଟ, ୨୭।୧୨ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଯାଇଛି। ଏଥିରେ ମୁଖ୍ୟତଃ ଦିବ୍ୟାଙ୍ଗମାନଙ୍କୁ କୃଷି ଉପକରଣ ସହାୟକ, ଉଦ୍ୟାନ କୃଷି, ବାର୍ଷିକ ଆୟ ପ୍ରମାଣ ପତ୍ର, ଜାତି ଗତ ଆବାସିକ ପ୍ରମାଣ ପତ୍ର, ଜମି ପଟ୍ଟା ପ୍ରଦାନ, ଦକ୍ଷତା ବୃଦ୍ଧି ତାଲିମ , ବାଣୀଶ୍ରୀ ବୃତ୍ତି ପ୍ରଦାନ, ଭିନ୍ନକ୍ଷମ ଭତ୍ତା ଓ ରାଶନ କାର୍ଡ, ଋଣ ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ସାହାର୍ଯ୍ୟ ପାଣ୍ଠିର ବିନିଯୋଗ, ଆବାସ, ଟ୍ରେନ ପାସ ପ୍ରଦାନ ଏବଂ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ୩୧୭ଜଣ ଭିନ୍ନକ୍ଷମ ପଞ୍ଜୀକୃତ କରିଥିବା ବେଳେ ୨୫ଜଣଙ୍କୁ ଟ୍ରାଇ ସାଇକେଲ, ୧୬ଜଣଙ୍କୁ ହ୍ୱିଲ ଚେୟାର, ୬ ଜଣଙ୍କୁ ଆଶାବାଡି ଓ ୪୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅର୍ଥ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଡିଓ ଡେନିସ ବେହେରା ସଭାପତିତ୍ୱ କରିଥିବା ବେଳେ ତହସିଲଦାର ଲମ୍ବୋଦର ମାରାଣ୍ଡି , ଏବିଡିଓ ସୁଶିଲ କୁମାର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଟିନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଲେଜ ବିରୋଧରେ ଅପପ୍ରଚାରର ତଦନ୍ତ ଆରମ୍ଭ

ହିଞ୍ଜିଳିକାଟୁ, ୨୭।୧୨ (ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟ ବିରୋଧରେ ୨ଟି ବେନାମୀ ଚିଠି ଜରିଆରେ ଅଭିଯୋଗକୁ ନେଇ ବୁଧବାର କଲେଜ ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂସଦ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। କଲେଜର ସୁନାମକୁ ଆଞ୍ଚ ଆଣିବା ନିମନ୍ତେ କିଛି ନ୍ୟସ୍ତସ୍ୱାର୍ଥବାଦୀ ଏହି ଚକ୍ରାନ୍ତ କରିଥିବା ପୁରାତନ ଛାତ୍ର ସଂସଦ ସଭାପତି ତଥା ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ କହିଛନ୍ତି।

ପ୍ରକାଶ ଯେ, ଉଚ୍ଚ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଗତ ୨୨ ତାରଖରେ ଚିଠି ସଂଖ୍ୟା ୫୬୨୧୩ ରେ ୬ଟି ଅଭିଯୋଗ ପତ୍ରକୁ ନେଇ ଗଞ୍ଜାମ ଜିଲାର ବୁଗୁଡ଼ା ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ, ଦୁରା ରାମ ନାରାୟଣ ଡ଼ିଗ୍ରୀ କଲେଜ, ହିଞ୍ଜିଳିକାଟୁ ବିଜ୍ଞାନ ମହାବଦ୍ୟାଳୟ, କଙ୍କେରୋଡ଼ା ବିଜ୍ଞାନ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ କିଛି ଷ୍ଟାଫଙ୍କ ବିରୋଧରେ ଆସିଥିବା ଅଭିଯୋଗ ଗୁଡ଼ିକର ତନ୍ତେ କରି ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ଜଣାଇଥିଲେ। ବୁଧବାର ଘଟଣାର ତଦନ୍ତ ନିମନ୍ତେ ବ୍ରହ୍ମପୁର ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଯୁକ୍ତ ଦୁଇ ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଓ ଯୁକ୍ତ ଦୁଇ୨ ଉପନିର୍ଦ୍ଦେଶକ କୁଳମଣି ଓଝା ହିଞ୍ଜିଳିକାଟୁ କଲେଜରେ ପହଞ୍ଚି ଅଧ୍ୟକ୍ଷା ଡ଼ ସ୍ୱପ୍ନିକା ପାଢ଼ୀ, ଅଧ୍ୟାପିକା ଅଧ୍ୟାପକ, ଅଣ ଶିକ୍ଷାଦାନ କର୍ମଚାରୀ, ପୁରାତନ ଛାତ୍ର ସଂସଦ, ହଷ୍ଟେଲ ଛାତ୍ରୀଛାତ୍ର ଇତ୍ୟାଦିଙ୍କ ବୟାନ ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ଏକ ବେନାମୀ ଚିଠି ଜରିଆରେ ଜଣେ ସାମ୍ବାଦିକ ଦର୍ଶାଇ ଆର.କେ ପାଢ଼ୀ ନାମକ ବ୍ୟକ୍ତି ହିଞ୍ଜିଳିକାଟୁ କଲେଜର ବିଭିନ୍ନ ଅନିୟମିତତା ପ୍ରସଙ୍ଗରେ ଅଭିଯୋଗ କରିଥିଲେ। ସେଥିରେ ଆର୍ଥିକ ତୋଷାରପାତ, କଲେଜରେ ବିଶୃଙ୍ଖଳା ଇତ୍ୟାଦି ସହ ଜଣେ ଅଧ୍ୟାପିକା କଲେଜ କାମ୍ପାସ କ୍ୱାର୍ଟରରେ ରହୁଥିବା ଓ ଗତ ୨ବର୍ଷ ଧରି ସେକ୍ସ ର୍ୟାକେଟ ଚାଲିଥିବା ନେଇ ଅଭିଯୋଗ କରିଛନ୍ତି। ଯାହାକୁ ନେଇ କିଛି ଟିଭି ଚ୍ୟାନେଲ, ୱେବ ଚ୍ୟାନେଲ ଓ କିଛି ଗଣମାଧ୍ୟମ ପ୍ରମୁଖ ହାଇଲାଇଟ କରିଛନ୍ତି। ତେବେ ଉକ୍ତ ଗଣମାଧ୍ୟମରେ ସେହି ନାମରେ କୌଣସି ବ୍ୟକ୍ତି ନଥିବା ଜଣାପଡ଼ିଛି। ଏହାକୁ ନେଇ କ୍ୟାମ୍ପସରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଲେଜର ସୁନାମକୁ ଆଞ୍ଚ ଆଣିବା ପାଇଁ କିଛି ବ୍ୟକ୍ତି ଏପରି ଷଡ଼ଯନ୍ତ୍ର କରିଥିବା ସନ୍ଦେହ କରୁଛନ୍ତି ଓ ସରକାରଙ୍କ ସମସ୍ତ ପ୍ରକାର ତଦନ୍ତକୁ ସେ ସ୍ୱାଗତ କରିବା ସହ ସହଯୋଗ କରିବେ ବୋଲି ଅଧ୍ୟକ୍ଷା ଡ଼ ପାଢ଼ୀ କହିଛନ୍ତି। ଚଳିତ ମାସରେ କଲେଜ ଅଧ୍ୟକ୍ଷା ଡ଼ ସ୍ୱପ୍ନିକା ପାଢ଼ି ଅବସର ନେଉଥିବାରୁ ଉକ୍ତ ଅଧ୍ୟକ୍ଷ ପଦବୀ ନିମନ୍ତେ ଟଣାଓଟରା କାରଣରେ ଏହା ପ୍ରତିଫଳନ ବୋଲି ଆଲୋଚନା ହେଉଛି। ଦୋଷୀଙ୍କ ବିରୋଧରେ ସରକାର ଦୃଢ଼ ପଦକ୍ଷେପ ନେବାକୁ ଆଲୁମିନ ସଭାପତି ପବିତ୍ର ମୋହନ ପାଣିଗ୍ରାହି, ସମ୍ପାଦକ ନୀଳମଣି ପଟ୍ଟନାୟକ, ପୂର୍ବତନ ଛାତ୍ର ସଭାପତି ସୟ କୁମାର ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ପପୁ ପଣ୍ଡା, ରାହୁଲ ପାଣିଗ୍ରାହୀ, ତାପସ କୁମାର ପଣ୍ଡା, ବିନାୟକ ପ୍ରସାଦ ପଟ୍ଟନାୟକ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ତଦନ୍ତ ବେଳେ ଲିଖିତ ଦାବି କରିଛନ୍ତି।

# 'ନୂଆ-ଓ' କାର୍ଯ୍ୟକ୍ରମ ସରିଲା

ସୋରଡା, ୨୭।୧୨ (ଲମ୍ବୋଦର ପାଣିଗ୍ରାହୀ)

ଋଷିକୂଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୫ ଦିନ ଧରି ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ପ୍ରଥମଦିନ ନିଶା ନିବାରଣ ରାଲି, ଦ୍ୱିତୀୟ ଦିନ ଯୌତୁକ ବିରୋଧୀ ସଚେତନତା, ତୃତୀୟ ଦିନ ବାଲ୍ୟ ବିବାହ ବିରୋଧୀ ସଚେତନତା ଉପରେ ନିକଟସ୍ଥ ବଞ୍ଚର ଗ୍ରାମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ, ଚତୁର୍ଥ ଦିବସରେ ସ୍ଥାନୀୟ ପାର୍କରେ ସଫେଇ, କଲେଜ କ୍ୟାମ୍ପସରେ ଚାରାରୋପଣ ଏବଂ ପଞ୍ଚମ ଦିନ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ଦିନ ପ୍ରବନ୍ଧ, ବକ୍ତୃତା, ସ୍ଲୋଗାନ ଲିଖନ, ଅଭିନୟ ଓ ଯୋଗ ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀରେ ଶିବ ପ୍ରକାଶ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ବ୍ରହ୍ମପୁର, ୨୭।୧୨ (ସ୍ମୃତି ରଞ୍ଜନ ମହାଲିକ)

କୋର୍ଟପେଟା ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବନ୍ଧୁ ମିଳନ ଦ୍ୱାରା ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି ପାଇଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟତମ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାହୁ ଯୋଗ ଦେଇ ଛାତ୍ରମାନେ ହିଁ ଶିକ୍ଷକର ପୁଞ୍ଜି ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପରିବର୍ତ୍ତନ ହିଁ ବିକାଶ ବୋଲି କହିଥିଲେ। ପୁରାତନ ବିଦ୍ୟାର୍ଥୀମାନେ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟକୁ ସହାୟତା କରିବାକୁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରଙ୍କ ମଧ୍ୟରେ ଆଇଆଇଟି ପ୍ରଫେସର ଅଜିତ ବେଉରା, ଡେପୁଟି କଲେକ୍ଟର ଡି ମାଲେଶ୍ୱର ପାତ୍ର, ଟାଟା ଷ୍ଟିଲ ଅଧିକାରୀ ନୃସିଂହଚରଣ ମହାପାତ୍ର, କର୍ପୋରେଟର ସଞ୍ଜିତ ପାଣିଗ୍ରାହୀଙ୍କ ସମେତ ଏମ ବେଣୁ ଗୋପାଳ ଓ ପ୍ରସନ୍ନ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର।

# ପରିଚୟ ହଜାଇଛି ବୃନ୍ଦାବନ ପ୍ୟାଲେସ

ପାରଳାଖେମୁଣ୍ଡି, ୨୭।୧୨ (ଗିରିଧାରୀ ପରିଛା)

ଗଜପତି ଜିଲାରେ ରାଜବଂଶର କୀର୍ତ୍ତି ବହନ କରୁଥିବା ବୃନ୍ଦାବନ ପ୍ୟାଲେସ ବା ବସନ୍ତ ନିବାସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ରହିଛି ମହାରାଜା ଗୌରଚନ୍ଦ୍ର ଗଜପତି ଓ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ଅମ୍ଳାନକାରୀ 'ବୃନ୍ଦାବନ ପ୍ୟାଲେସ'। ମହେନ୍ଦ୍ରତନୟା ନଦୀ କୂଳରେ ୧୭ ଏକର ପରିମିତ ଜମିରେ ଏହି ରାଜ ପ୍ରାସାଦ ନିର୍ମାଣ ହୋଇଥିଲା ।

ଗବେଷକଙ୍କ ମତରେ, ୧୮୯୦ରୁ ୧୯୦୫ ମଧ୍ୟରେ ଏହି ସୌଧ ନିର୍ମାଣ ହୋଇଥିଲା। ଏହାର ନକ୍ସା ପ୍ରସ୍ତୁତ କରିଥିଲେ ଇଟାଲୀୟମାନେ। ଏହି ପ୍ୟାଲେସ ନିକଟ ଦେଇ ଯାଇଥିବା ମହେନ୍ଦ୍ରତନୟା ନଦୀ ସାଙ୍ଗକୁ ସବୁଜିମା ଘେରା ସୁନ୍ଦର ମନଲୋଭା ସ୍ଥଳ ଅଟେ। ଏହି ପ୍ରାସାଦ ଗଜପତି ଜିଲାର ଐତିହାସିକ ସ୍ଥାନ ଭାବେ ବେଶ ଖ୍ୟାତି ଅର୍ଜନ କରିଛି। ପାରଳାଖେମୁଣ୍ଡି ସହରର ମାତ୍ର ୩ କି.ମି. ଦୂରରେ ଥିବା ଏହି ପ୍ୟାଲେସ୍‌ରେ ମହାରାଜା ନିଜ ପରିବାର ସହ ଗ୍ରୀଷ୍ମ ଅବକାଶ କଟାଉଥିଲେ । ତେଣୁ ଏହାକୁ ବସନ୍ତ ନିବାସ ମଧ କୁହାଯାଏ। ଉକ୍ତ ଐତିହାସିକ ସ୍ମାରକୀ ଏବଂ ଗଠନ ଶୈଳୀ ପ୍ରାକୃତିକ ପରିବେଶକୁ ଉପଲବ୍ଧି କରିବା ପାଇଁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ବିଶେଷ କରି ପିକନିକ ଋତୁରେ ଅଧିକ ପର୍ଯ୍ୟଟକ ଆସିଥାନ୍ତି । ହେଲେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ପୁନରୁଉଦ୍ଧାର କରାଯାଉ ନଥିବା ବେଳେ ଆବଶ୍ୟକ ମରାମତି ଅଭାବରୁ ନଷ୍ଟ ହୋଇଯାଇଛି। କିଛି ବର୍ଷ ପୂର୍ବେ ଏହାର ବିକାଶ ପାଇଁ ବ୍ୟୟବରାଦ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏ ସବୁ ଏବେ ନଷ୍ଟ ହୋଇଯାଇଛି । କାମ ନାମରେ ବୃନ୍ଦାବନ ପ୍ୟାଲେସର ପୁରାତନ କଳାକୃତି ମୂର୍ତ୍ତିଗୁଡିକୁ କେହି ଦୁର୍ବୃତ୍ତ ନେଇଯାଇଥିବା ବେଳେ ରାଣୀକୁଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇ ମାଟିରେ ମିଶାଇଦେଇଥିଲେ। ପର୍ଯ୍ୟଟକଙ୍କ ଲାଗି ଫେବର ବ୍ଲକରେ ନିର୍ମିତ ଚଲାପଥ, ବସିବାସ୍ଥଳ, ପିକନିକ ପାଇଁ ସ୍ଥଳ ଆଦି ନିର୍ମାଣ ହୋଇଥିଲା । ତେବେ ଏଗୁଡିକ ଏବେ ନଷ୍ଟ ହେବାରେ ଲାଗିଛି । ଜିଲ୍ଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନିକ୍ଷେପ କରୁନଥିବାରୁ ଅବ୍ୟବସ୍ଥା ମଧ୍ୟରେ ରହିଅଛି । ସୌଧଟିର ବିଭିନ୍ନ ସ୍ଥାନରେ ଫାଟ ଦେଇଥିବା ବେଳେ ଅନାବନା ବୃକ୍ଷଲତା ଉଠିଯାଇଛି । ଏହି ପ୍ରାସାଦଟିର ବହୁ ଅଂଶ ଭଗ୍ନ ଅବସ୍ଥାରେ ରହିଥିବାର ଦେଖିବାକୁ ମିଳୁଛି । ସେହିପରି ତୃତୀୟ ମହଲାର ଗୋଟିଏ ପାର୍ଶ୍ୱରେ ଛାତ ଦବିବାରେ ଲାଗିଛି । ଏହାର ବିରାଟକାୟ ପାଚେରିଗୁଡିକରେ ଫାଟ ଦେଖାଦେଉଛି। ରାଜ୍ୟ ଓ ରାଜ୍ୟ ବାହାରର ବିଶେଷ କରି ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରୁ ବହୁ ପର୍ଯ୍ୟଟକ ଆସୁଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମଧ ଲୋକେ ଏଠାକୁ ଆସିଥାନ୍ତି । ବର୍ତ୍ତମାନ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ବୃନ୍ଦାବନ ପ୍ୟାଲେସ। ବର୍ତ୍ତମାନ ଏଠାରେ ଜଣେ ଅସ୍ଥାୟୀ ଭାବେ ଜଗୁଆଳୀ ରହିଥିଲେ ହେଁ ତାଙ୍କୁ କୌଣସି ବିଦ୍ଧିବଦ୍ଧ ଭାବେ ଅବସ୍ଥାପିତ କରାଯାଇନାହିଁ। ତାଙ୍କୁ ବିଭାଗ ପକ୍ଷରୁ କୌଣସି ମାସିକ ଭତ୍ତା କିମ୍ବା ଦୈନିକ ମଜୁରି ମଧ ଦିଆଯାଉ ନାହିଁ। ପର୍ଯ୍ୟଟକମାନେ ଯାହା ଅର୍ଥ ଦେଉଛନ୍ତି ତାକୁ ନେଇ ସେ ରହିଥିବାର ଜଣାପଡିଛି। ଏପରି ଏକ ଗୁରୁତ୍ୱ ବହନ କରୁଥିବା ଜିଲ୍ଲାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଜିଲ୍ଲା ସଦର ମହକୁମାରେ ରହିଥିଲେ ମଧ ଏଥିପ୍ରତି ପ୍ରଶାସନିକ କିମ୍ବା ବିଭାଗୀୟ ଦୃଷ୍ଟି ନିକ୍ଷେପ ନଥିବାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି ।



**ବୃତ୍ତିରେ ଅମ୍ଲାନ ପ୍ରିୟଦର୍ଶୀଙ୍କ ସଫଳତା**

ଗଞ୍ଜାମ (ବିଦ୍ୟାଧର ସାହୁ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ସାତୁଳି ପ୍ରକଳ୍ପ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମ୍ଲାନ ପ୍ରିୟଦର୍ଶୀ ଜେନା ବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ଜବାହର ନବୋଦୟ ପରୀକ୍ଷାରେ ମଧ୍ୟ କୃତିତ୍ୱ ହାସଲ କରିଛନ୍ତି। ନିଜର ସଫଳତା ପାଇଁ ପିତା ଅମରେଶ ଜେନା ଓ ମାତା ମୋନାଲିସା ଜେନା ଏବଂ ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି।

## ସଂକ୍ଷେପରେ

### ଗଞ୍ଜାମରେ କରୋନା ଭୟ ନାହିଁ: ଜିଲାପାଳ

ଛତ୍ରପୁର, ୨୭।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ରାଜ୍ୟରେ ପୁଣି କୋଭିଡ-୧୯ ଲେଉଟିଲାଣି। ତେବେ ଗଞ୍ଜାମ ଜିଲା ପ୍ରଶାସନ ସଜାଗ ରହିଛି। ଗଞ୍ଜାମ ଜିଲାରେ ଏବେ କୌଣସି ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇନାହିଁ । ଏଣୁ ଭୟଭୀତ ହେବା ଦରକାର ନାହିଁ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ଏହା ସହିତ ସରକାରଙ୍କ ତରଫରୁ ଜାରୀ କରାଯାଇଥିବା ସତର୍କତା ମାନିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଯଦି ଆବଶ୍ୟକ ହୁଏ ଜିଲାରେ ଟେଷ୍ଟିଙ୍ଗ ସେଣ୍ଟର ଖୋଲାଯିବ ବୋଲି ମଧ୍ୟ କହିଛନ୍ତି।

### କେଶପୁର ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

ଖଲ୍ଲିକୋଟ, ୨୭।୧୨ (ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଥିବା କେଶପୁର ସ୍ନାତକ ମହାବିଦ୍ୟାଳୟରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା (ନୂଆ-ଓ) କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପଲେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଭାରତୀ ମହାରଣା, କଲେଜ ପରିଚାଳନା ସମିତି ସଭାପତି ଅକ୍ଷୟ ସାହୁ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିନୋଦ ପଟ୍ଟନାୟକ, ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ସରପଞ୍ଚ ରୁବିଲତା ସାହୁ, ସମିତିସଭ୍ୟ ରାଜୁ ତରେଇ, ଜିଲା ପରିଷଦ ସଭ୍ୟ ବିନାୟକ ଜାଲି, ରାମମୋହନ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାଶ ପରିଚାଳନା କରିଥିଲେ।

### ବିଜୁ କନ୍ୟାରତ୍ନ କାର୍ଯ୍ୟକ୍ରମ

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର ବରଗାଁ ପଞ୍ଚାୟତ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଜୁ କନ୍ୟାରତ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଭାଗ୍ୟଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥା ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ବିଡିଓ ଫକିର ଚରଣ ପରିଡା, ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମୁନୀ, ସିଆରସିସି ମନୋରଞ୍ଜନ ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ଶିଶୁ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ ତଥା ତାଲିମଦାତା ହରିହର ପାଢୀ, ଶିବ ପ୍ରସାଦ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ଅତିଥିମାନେ କନ୍ୟାରତ୍ନ ଉପରେ ଗୁରୁତ୍ୱ ଦେବା ସହ ଗୋଟିଏ କନ୍ୟା ସନ୍ତାନର ଜନନୀଙ୍କୁ 'ମୋ ଗେହ୍ଲା ଝିଅ', ଜଣେ ଗର୍ଭବତୀ ମହିଳାଙ୍କୁ 'ଗୋଦ ଭରାଇ', ସାତ ମାସ ବୟସ୍କ କନ୍ୟା ସନ୍ତାନଙ୍କ ଅନ୍ନ ପ୍ରାସନରେ ସମ୍ମାନିତ କରାଯାଇଥିଲା ।

# ହୋହାଲ୍ଲାରେ ଏନ୍‌ଏସି ବୈଠକ ଶେଷ

## ପାର୍କ ନାମକରଣକୁ ନେଇ କାଉନସିଲରଙ୍କ ଅସନ୍ତୋଷ

ଦିଗପହଣ୍ଡି, ୨୭।୧୨ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଏନ୍‌ଏସିର ପରିବର୍ଦ୍ଧିତ ବୈଠକ ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ କାଉନସିଲରମାନେ ହୋହାଲ୍ଲା ପାଟିତୁଣ୍ଡ କରିଥିଲେ। ୧୧ ନଂ ୱାର୍ଡ କାଉନସିଲର ଜ୍ୟୋତ୍ସ୍ନା ଜେନାଙ୍କୁ ଏନ୍‌ଏସି ପ୍ରଶାସନ ଅଣଦେଖା କରୁଥିବା ଏବଂ ଘରୋଇ ପାଇଖାନା ନିର୍ମାଣ ପାଇଁ ଆବେଦନରେ କାଉନସିଲରଙ୍କୁ ନଜଣାଇବା, ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ବଡବନ୍ଧର ପୁନଃରୁଦ୍ଧାର, ବିଶ୍ୱାସରାୟ ପୋଖରୀ ରାସ୍ତାରେ ମରାମତି ଦାବିରେ ବୈଠକ ବର୍ଜନ କରିଥିଲେ। ଦିଗପହଣ୍ଡି ଏନ୍‌ଏସିର ସ୍ମାର୍ଟ ପାର୍କକୁ ଦିବଂଗତ ବିଧାୟକ ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ନାଁ ରେ ନାମିତ କରାଯିବା ପାଇଁ ଗତ ଏନ୍‌ଏସି କାଉନସିଲ ବୈଠକରେ ଆଲୋଚନା କରାଯାଇ ନିର୍ଦ୍ଧାରଣ କରାଯିବା ସହ ଏନେଇ ରାଜ୍ୟ ସଂସ୍କୃତି ବିଭାଗକୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ବିନା ନିର୍ଦ୍ଧାରଣରେ ସ୍ମାର୍ଟ ପାର୍କକୁ ରାଜୀବ ଗାନ୍ଧୀଙ୍କ ନାଁ ରେ ନାମିତ ପାଇଁ ୭ ନଂ ୱାର୍ଡ କଂଗ୍ରେସ କାଉନସିଲର ସୁନିଲ କୁମାର ପଣ୍ଡା ପ୍ରସ୍ତାବ ଆଗତ କରିବାରୁ ୯ ନଂ ୱାର୍ଡ ବିଜେଡି କାଉନସିଲର ନୀଳମାଧବ ଗୌଡ଼, ୨ ନଂ ୱାର୍ଡ ବିଜେଡି କାଉନସିଲର ସୁଶାନ୍ତ କୁମାର ପାତ୍ର, ୩ ନଂ ୱାର୍ଡ ବିଜେଡି କାଉନସିଲର କରିଷ୍ମା ନାୟକ, ଏମପି ପ୍ରତିନିଧି ନିରୁପମା ପଟ୍ଟନାୟକ ତୀବ୍ର ପ୍ରତିବାଦ କରିଥିଲେ। ୯ ନଂ ୱାର୍ଡ କାଉନସିଲର ଆସବାବ ପତ୍ର ଫୋପାଡି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଏନେଇ ସଂସ୍କୃତି ବିଭାଗକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଚିଠି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ଏନ୍‌ଏସି ନଗରପାଳଙ୍କୁ ପଚାରିବାରୁ ବିଭିନ୍ନ ଯୋଜନାରେ ସରକାରଙ୍କ ନିର୍ଦ୍ଧାରିତ ଗାଇଡ ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଉନ୍ନୟନ କାମରେ କୌଣସି ଅନିୟମିତତା କରାଯାଉନଥିବା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପର୍ଯ୍ୟଟକ ବସ୍ ଦୁର୍ଘଟଣା, ୧୮ ଆହତ




ଦୁର୍ଘଟଣାଗ୍ରସ୍ତ ବସ୍ ।

ଦାରିଙ୍ଗବାଡି, ୨୭।୧୨ (ଅରୁଣ ସାହୁ): କନ୍ଧମାଳ ଜିଲାର ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡ଼ିକୁ ୩୫ଜଣ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୧୮ଜଣ ପର୍ଯ୍ୟଟକ ଆହତ ହୋଇଥିବା ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚାପାଧାରୀ ପ୍ରଧାନ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗରୁ ଦୁଇଟି ବସ୍‌ରେ ପ୍ରାୟ ୭୦ଜଣ ପର୍ଯ୍ୟଟକ କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିଲେ। ବୁଧବାର ସକାଳେ ସେମାନେ ଦାରିଙ୍ଗବାଡ଼ି ବୁଲିସାରିବା ପରେ ଗଜପତି ଅଭିମୁଖେ ଯାଉଥିଲେ। ଦାରିଙ୍ଗବାଡ଼ିରୁ ପ୍ରାୟ ୨୫ କିମି ଯିବା ପରେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ମହାଗୁଡ଼ି ନିକଟରେ ଗୋଟିଏ ବସ୍ ଭାରସାମ୍ୟ ହରାଇ ଏକ ପୋଲ ତଳକୁ ଖସିପଡ଼ିଥିଲା। ଫଳରେ ସେଥିରେ ବସିଥିବା ୧୮ଜଣ ଆହତ ହୋଇଥିଲେ। ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

# ବୁଗୁଡ଼ା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ




ବୈଠକରେ ଉପସ୍ଥିତ ଅତିଥି ।

ବୁଗୁଡା, ୨୭।୧୨ (କାଳି ଚରଣ ଦାଶ): ସ୍ଥାନୀୟ ପଞ୍ଚାୟତ ସମିତିର ଏକ ସାଧାରଣ ଅଧିବେଶନ ବୁଧବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାଗୁଡିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ କୃଷି, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଲୋକପ୍ରତିନିଧିମାନଙ୍କୁ ଉପେକ୍ଷା କରୁଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ନେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ତାଗିଦ୍ କରାଯାଇଥିଲା। ଏହି ବୈଠକରେ ବିଦ୍ୟୁତ ଏବଂ ଆଇସିଡିଏସ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ବିଡିଓ ସନ୍ତୋଷ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିପିଇଓ ମନୋଜ କୁମାର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କର, ତହସିଲଦାର ତାପସ କୁମାର ରାଉତ, ସିଡିପିଓ ବବିତା କୁମାରୀ ପଣ୍ଡା, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ ଓ ସମିତା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଭିନ୍ନ ଲାଇନର ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ଗୁଡ଼ିକର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ସ୍କୁଟର ଧକ୍କାରେ ବୃଦ୍ଧା ମୃତ

ଧରାକୋଟ, ୨୭।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ସମ୍ମୁଖରେ ଜଣେ ଜଣେ ବୃଦ୍ଧାଙ୍କୁ ସ୍କୁଟର ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମ ହାଟସାହିର ବି. ଉର୍ମିଳା ପାତ୍ର। ସେ ଭୀମଭୋଇ ସାମର୍ଥ୍ୟ ଶିବିରକୁ ଏକ ବାଇକରେ ବସି ଆସୁଥିଲେ। ବ୍ଲକ ସମ୍ମୁଖରେ ବାଇକରୁ ଓହ୍ଲାଉଥିବା ସମୟରେ ପଛପଟୁ ଏକ ସ୍କୁଟର ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ଧରାକୋଟ ମେଡିକାଲକୁ ନିଆଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଦିଗପହଣ୍ଡି, ୨୭।୧୨ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟର ୧୯୮୨ ମସିହା ଏକାଦଶ ଶ୍ରେଣୀର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମା' ମହୁରି କାଳୁଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୁରାତନ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ଶିକ୍ଷକ ଓ ପରିବାର ସଦସ୍ୟଙ୍କ ମଧ୍ୟରେ ଭାବ ଆଦାନପ୍ରଦାନ ସହ ସୁଖ ଦୁଃଖର ବିନିମୟ କରିଥିଲେ।

## ନାବାଳିକା ଅପହରଣ

ଗୋପାଳପୁର, ୨୭।୧୨ (ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଗତ ୨୫ ତାରିଖ ଅପରାହ୍ନରେ ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବା ବେଳେ ଉକ୍ତ ଗ୍ରାମର କୁମୁଦ ରଞ୍ଜନ ବିଶୋଇଙ୍କ ସହ ୫ ଜଣ ଯୁବକ ଜୋର ଜବରଦସ୍ତ ତାଙ୍କୁ ଉଠାଇ ନେଇ ଅପହରଣ କରିଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ଗ୍ରାମରେ ଏକ ବିଦ୍ୟାଳୟ ପଛପଟୁ ତାଙ୍କୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ କୁମୁଦ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଧମକ ଚମକ ଦେଇଥିଲେ। ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ୧୬୪ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ଼ କରାଯାଇଛି।

# ଗଞ୍ଜେଇ ଚାଲାଣ ବେଳେ ପୋଲ ତଳକୁ ଓଲଟିଲା କାର୍: ୩ ଗୁରୁତର, ୧ ଗିରଫ



ଦୁର୍ଘଟଣାଗ୍ରସ୍ତ କାର୍।

ଖଜୁରିପଡା, ୨୭।୧୨ (ବିଦୁର ବେହେରା): ସଦର ଥାନା ଅନ୍ତର୍ଗତ ସୁଦ୍ରେଜୁ ପୋଲଠାରେ ଏକ କାର ଚାରିଛକ ପଟରୁ ଫୁଲବାଣୀ ଆଡ଼କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୪ଜଣ ଯୁବକ ଖଗେଶ୍ୱର କାମିଲା(ବାଲେଶ୍ୱର), ଆୟୁଷ ବେହେରା (ଫୁଲବାଣୀ), ମନୋଜ ଦିଗାଲ (ଫୁଲବାଣୀ), ଏସ. କେ ରାଜୁ ହୁସେନ (ବାଲେଶ୍ୱର) ବସିଥିଲେ। ଦୁର୍ଘଟଣା ଫଳରେ ଆୟୁଷ, ମନୋଜ, ରାଜୁ ହୁସେନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବିଭାଗ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। କମିଲାକୁ ପୋଲିସ ଅଟକ ରଖି ପଚରାଉଚରା କଲାବେଳେ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। କାରକୁ ଯାଞ୍ଚ କରି ୨୪କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ତେବେ ତିନି ଜଣଙ୍କୁ ପୋଲିସ ଉପସ୍ଥିତିରେ ଚିକିତ୍ସା କରାଯାଉଥିବା ବେଳେ ଖଗେଶ୍ୱର କାମିଲାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

# ସଡ଼କ ସୁରକ୍ଷା ସଚେତନତା

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ): କୋଟିନଡା ଥାନା ପକ୍ଷରୁ ବୁଧବାର ଥାନା ପରିସରରେ ସଡକ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ଆଞ୍ଚଳିକ ପରିବହନ ସଂସ୍ଥାର କର୍ମକର୍ତ୍ତାଙ୍କ ସମେତ ଥାନା କର୍ମଚାରୀ ସାମିଲ ଥିଲେ। ଦୁଇ ଚକିଆ ଯାନ ଚଳାଇବା ବେଳେ ହେଲମେଟ ବାଧ୍ୟତାମୂଳକା, ମାଦକ ଦ୍ରବ୍ୟ ସେବନରୁ ଦୂରେଇ ରଖିବା, ଯାନବାହାନ ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନକରିବା, ଟ୍ରାଫିକ ନିୟମକୁ ଯଥେଷ୍ଟ ଗୁରୁତ୍ୱ ଦେବା ଲାଗି ଗୁରୁତ୍ୱାରୋପ କରାଯାଇଥିଲା ।




# ମହିଳା ସଂଘର ନବବର୍ଷ ସ୍ୱାଗତ କାର୍ଯ୍ୟକ୍ରମ

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ): ଅକଳିଙ୍ଗ ବୈଶ୍ୟ ଆଞ୍ଚଳିକ ମହିଳା ସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସାବିତ୍ରୀ କଲ୍ୟାଣ ମଣ୍ଡପଠାରେ ନବବର୍ଷ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ ମହିଳା ସଂଘର ସଭାନେତ୍ରୀ ଏ. ମଧୁସ୍ମିତା ସରାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗ ବୈଶ୍ୟ ମହାସଂଘ ସଭାପତି ଟି. କେଦାରନାଥ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରଷିକୂଲ୍ୟା ଅଞ୍ଚଳ ସଭାପତି କେ. ଗୋପାଳକୃଷ୍ଣ ସେନାପତି, ମହାସଂଘ ସମ୍ପାଦକ ବୃନ୍ଦାବନ ପାତ୍ର, କୋଷାଧ୍ୟକ୍ଷ ଭି. ବାଲରାଜୁ, ଅଞ୍ଚଳ ସମ୍ପାଦକ ତ୍ରିନାଥ ପାତ୍ର, ଆଞ୍ଚଳିକ ମହିଳା ସଂଘର ଉପଦେଷ୍ଟା ବି. ଭେଙ୍କଟରମଣ ମୂର୍ତ୍ତି, ମହିଳା ମହାସଂଘର ସମ୍ପାଦିକା କେ. ମାଧବୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# କୃଷକ ଦିବସ ପାଳିତ

ଆସିକା, ୨୭।୧୨ (ସୁରେନ୍ଦ୍ର ନାଥ ସାହୁ) ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସ୍ଥାନୀୟ ବସଷ୍ଟାଣ୍ଡରେ ଥିବା ଶାନ୍ତିଶକ୍ତି ଭବନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ କୃଷକ ଦିବସ ପାଳିତ ହୋଇଥିଲା । ଭବନର ସଂଚାଳିକା ପ୍ରଭାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆସିକା କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇ ଜୈବିକ ତଥା ପାରମ୍ପରିକ କୃଷି ପଦ୍ଧତି ଉପରେ ଗୁରୁତ୍ୱାରୋପ ଦେଲେ କୃଷକ ସ୍ୱାବଲମ୍ବୀ ହେବା ସହ ପରିବେଶ ସୁରକ୍ଷା ସମ୍ଭବ ହେବ ବୋଲି କହିଥିଲେ। ଏହି ଅବସରରେ ସଫଳ ଚାଷୀ ଶ୍ୟାମସୁନ୍ଦର ଦୋରା, ରାମପ୍ରସାଦ ନାହାକ, ରାଘବ ଶିଅ, ଫକିର ଜେନା, ମଦନ ଗୌଡ, ମଙ୍ଗୁଲୁ ସାହୁ, ଶତୃଘନ ନାହାକ ଓ ଶରତ ଚନ୍ଦ୍ର ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆସିକା, ଧରାକୋଟ, ଶେରଗଡ ଓ କବିସୂର୍ଯ୍ୟନଗର ବ୍ଲକର ବହୁ ଅଗ୍ରଣୀ ଚାଷୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ବେଲଗୁଣ୍ଠାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ପ୍ରକଳ୍ପ ଉଦଘାଟନ କରୁଛନ୍ତି ବିଧାୟକ ।

ବେଲଗୁଣ୍ଠା, ୨୭।୧୨ (କୃଷ୍ଣଚନ୍ଦ୍ର ପଟ୍ଟନାୟକ): ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବୁଧବାର ବେଲଗୁଣ୍ଠା ଏନଏସିର ବହୁ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଏଥିମଧ୍ୟରୁ ମା' ବ୍ରାହ୍ମଣ ଦେବୀ ଓ ଲକ୍ଷ୍ମୀନୃସିଂହ ଭେଣ୍ଡିଂ ଜୋନ, ମିଶନ ଶକ୍ତି କାଫେ, ଜ୍ଞାନଦେବୀ ଉଦ୍ୟାନ, ସ୍ମାର୍ଟ ପାର୍କକୁ ଉଦଘାଟନ ହୋଇଥିବା ବେଳେ ୨ କୋଟି ୧୫ ଲକ୍ଷ ଟଙ୍କା ବିନିମୟରେ ସୁଡୁମୁସର ରୋଡ ଠାରେ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖୀ ଗୃହ, ୨କୋଟି ୯୯ ଲକ୍ଷ ଟଙ୍କା ବିନିମୟରେ ଲକ୍ଷ୍ମୀନାରାୟଣ କଲ୍ୟାଣ ମଣ୍ଡପକୁ ବିଧାୟକ ସ୍ୱାଇଁ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବେଲଗୁଣ୍ଠା କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର, ବିଡିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନ, ଥାନାଧିକାରୀ ବନବିହାରୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଶ୍ୱରଂଜନ ଜେନା, ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ସୁଶାନ୍ତ ମହାପାତ୍ର, ଅଜିତ କୁମାର ସ୍ୱାଇଁ ଓ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ଉପ ନଗରପାଳ ଟି.ବବିତା କୁମାରୀ, ଏମପି ପ୍ରତିନିଧି ରବୀନ୍ଦ୍ର ନାଥ ମହାପାତ୍ର, କାଉନସିଲର ଭାସ୍କର ପାତ୍ର, ଦିବ୍ୟରଞ୍ଜନ ଦାସ, ସୀମା ସାମଲ, ପ୍ରଦୀପ ସେଠୀ, କାହ୍ନୁ ସାହୁ, ବିଶ୍ୱନାଥ ଦଳାଇ, କାଉନସିଲର ପ୍ରତିନିଧି ଚିଦାନନ୍ଦ ପାତ୍ର, କେ. ଜିତେନ୍ଦ୍ର ସୁବୁଦ୍ଧି, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବନାଗ୍ନି ପ୍ରଶମନ ପାଇଁ ସଚେତନତା ଶିବିର

ଭଞ୍ଜନଗର, ୨୭।୧୨ (ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ବୁଧବାର ଲାଲସିଂ ନର୍ସରୀ ପରିସରରେ ଜଙ୍ଗଲ ନିଆଁକୁ ରୋକିବା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବୈଠକରେ ଡିଏଫଓ ସୁଦର୍ଶନ ବେହେରା ଅଧ୍ୟକ୍ଷତା କରିଥିଲେ। ଡିଏଫଓ ବେହେରା କହିଥିଲେ ଯେ ଅଗ୍ନି ଋତୁ ପୂର୍ବରୁ ସମସ୍ତ ବନାଞ୍ଚଳରେ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ। ଜନପ୍ରତିନିଧିମାନଙ୍କୁ ସାମିଲ କରି ଜଙ୍ଗଲ ନିଆଁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାଧାରଣତଃ ଫେବୃୟାରୀ ମାସ ପ୍ରାରମ୍ଭରେ ଜଙ୍ଗଲ ନିଆଁ ଲାଗିଥାଏ। ତେଣୁ ସରକାର ଚଳିତ ବର୍ଷ ଆଗୁଆ ଜଙ୍ଗଲ ନିଆଁକୁ କିଭଳି ରୋକାଯିବ ସେ ଉପରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ବିଭିନ୍ନ ବନ ସୁରକ୍ଷା ସମିତିର ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ଉପସ୍ଥିତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗରପାଳ ଗୋପବନ୍ଧୁ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶାଳ, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସ୍ଥାନୀୟ ଦମକଳବାହିନୀ ଅଧିକାରୀ ସମୀର କୁମାର ବିଶାଳ, ରେଞ୍ଜର କୁମର ବେହେରା, ଆଶାଲତା ଦିଗାଲ, ବିମ୍ବାଧର ସାହୁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ସତପଥୀ, ଅନୁପମ ବାନାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏସିଏଫ ବିକ୍ରମ ଦେବ ପଟ୍ଟନାୟକ ସଭାକୁ ସଂଯୋଜନା କରିଥିଲେ। ଏସିଏଫ ସୁବ୍ରତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥିମାନେ।

